By FAX/e-Mail/Speed Post

# GOVERNMENT OF ODISHA
## REVENUE AND DISASTER MANAGEMENT DEPARTMENT

***

**No.RDM-LRB-MEET-0009-2015- 13311 /R&DM, Dated** 30.04.2016

From

Dr. Mona Sharma, IAS
Principal Secretary to Government.

To

All Collectors.

Madam/Sir,

The State Government is contemplating legalizing leasing of land for agricultural purpose by the land owners. This has become essential in view of the changed economic situation where because of small size of average land holdings the agricultural productivity is coming down throughout the country including our State. Leasing in & leasing out of agricultural land will also protect the interest of the tenants in the State (in view of the ban/restriction on land leasing as per the OLR Act except privileged raiyat & persons with disability, minor, widow and armed forces personnel).

In addition to protecting the interest of the tenants for their requirement of credit, marketing support, insurance and other relief inputs incase of natural calamity, it is equally essential to protect the interest of the land owners. With the above two objectives, it is proposed to introduce land leasing in the State for which the land owner lessor and lessee cultivator will be allowed to sign an agreement on mutual consent which will be attested by the RI/ Sarapanch. This written agreement need not be registered and will have the details regarding the terms and conditions of leasing including sharing of the inputs, outputs, relief assistance by the Government, payment of insurance dues and conditions for renewal. It is now proposed to hold consultation with minimum 50 farmers each (equal representation of land owners and sharecroppers) in 1/3 Tahasils in the State.

I am enclosing herewith the draft agreement and a questionnaire to be filled up by the farmers/ sharecroppers.

The agreement should be gone through by the Senior Revenue Officers including Tahasildars to understand the steps proposed for protection of the right of the land owners as well as the interest of the lessors / tenants for regularizing leasing of land for agriculture purpose. The Tahasildars should be advised to have interaction with 50 farmers where they should highlight the broad principles proposed to protect the rights of the landowners & interests of lessees & distribute the questionnaire to minimum 50 farmers and collect their feedback in writing.

The abstract of the feedback received from the Tahasildar should be submitted to the department by the Collectors by 18th May by the Collectors.

Yours faithfully,

30/4

Principal Secretary to Government

## ପରିଶିଷ୍ଟ – କ ୧

# ଚାଷ ନିମନ୍ତେ ମାନକ ଲିଜ୍ ରାଜିନାମା

ଏହି ଲିଜ୍ ରାଜିନାମା ଜମିମାଲିକ-ଲିଜ୍ ଦାତା(ମାନଙ୍କ) ଓ ଲିଜ୍ ଗ୍ରାହୀ-ଚାଷୀ(ମାନଙ୍କ) ଙ୍କ ମଧ୍ୟରେ ପ୍ରସ୍ତୁତ ଓ ନିର୍ବାହ କରାଯାଇଛି।

**୧. ଜମିମାଲିକ-ଲିଜ୍ ଦାତା(ମାନଙ୍କ)**

| | | |
|---|---|---|
| ନାମ : | | |
| ପିତାଙ୍କ ନାମ : | | |
| ବୟସ | | |
| ବୃତ୍ତି | | |
| ଠିକଣା | | |

**୨. ଲିଜ୍ ଧାରୀ-ଚାଷୀ(ମାନଙ୍କ)**

| | | |
|---|---|---|
| ନାମ : | | |
| ପିତାଙ୍କ ନାମ : | | |
| ବୟସ | | |
| ବୃତ୍ତି | | |
| ଠିକଣା | | |

**୩. ଲିଜ୍ ରାଜିନାମାର ବିଷୟ ଓ ଅବଧି**

**୩.୧.** ଜମିମାଲିକ- ଲିଜ୍ ଦାତାଙ୍କ ଅନ୍ତରଣ ଓ ଲିଜ୍ ଗ୍ରାହୀ-ଚାଷୀଙ୍କ ଗ୍ରହଣ ପୂର୍ବକ ନିମ୍ନୋକ୍ତ ଜମିକୁ କୃଷି ଓ ଅନ୍ୟ କୃଷି ସମ୍ବନ୍ଧୀୟ ଆନୁସଙ୍ଗିକ କାର୍ଯ୍ୟ ନିମନ୍ତେ ବିନିଯୋଗ କରିବା ପାଇଁ ରାଜିନାମା ସମ୍ପାଦନ କରୁଛନ୍ତି।

ଗ୍ରାମ- ____________________ ପ୍ଲଟ ନମ୍ବର- ____________

ଖାତାନମ୍ବର- ________________ ରକବା- ______________

**୩.୨.** ଉପରୋକ୍ତ ଜମି ତା.______________ ରିଖ ଠାରୁ ____________ ବର୍ଷ ନିମନ୍ତେ ଲିଜ୍ ସୂତ୍ରରେ ପ୍ରଦାନ କରାଯାଉଛି ଓ ଏହି ଲିଜ୍ ରାଜିନାମା ତା.__________ ରିଖ ରେ ସମାପ୍ତ ହେବ। ଏହାପରେ ଯଦି ଲିଜ୍ ଦାତା ଓ ଲିଜ୍ ଗ୍ରାହୀ ମଧ୍ୟରେ ଲିଜ୍ ରାଜିନାମା ର ମିଆଦ ବୃଦ୍ଧି ନିମନ୍ତେ ଅପୋଷ ରାଜିନାମା ନହୁଏ ତେବେ ଲିଜ୍–ଗ୍ରାହୀ ଚାଷୀ ଉକ୍ତ ଜମିର ଦଖଲ ତ୍ୟାଗ କରିବେ।

**୩.୩.** ଯଦି ଜମିମାଲିକ- ଲିଜ୍ ଦାତା ଓ ଲିଜ୍ ଗ୍ରାହୀ-ଚାଷୀ ଅପୋଷ ଭାବରେ ଲିଜ୍ ରାଜିନାମା ର ଅବଧି ବୃଦ୍ଧି କରିବାକୁ ନିଷ୍ପତି ନିଅନ୍ତି, ତେବେ ସେମାନେ ନିମ୍ନରେ ପ୍ରଦତ୍ତ ସାରଣୀରେ ଏହା ଉଲ୍ଲେଖ କରିବେ।

**୩.୪.** ଜମି ମାଲିକ- ଲିଜ୍ ଦାତା(ମାନେ) ଏହା ନିଶ୍ଚିତ କରୁଅଛନ୍ତି ଯେ ସେ/ସେମାନେ ଉକ୍ତ ଜମିର ନିରଙ୍କୁଶ ମାଲିକ ଅଟନ୍ତି ଓ ଏହି ଜମିକୁ ସେ/ସେମାନେ ଲିଜ୍ ଦେବାକୁ ସକ୍ଷମ ଅଟନ୍ତି।

## ୪. ଦେୟ

**୪.୧.** ଲିଜ୍ ଗ୍ରାହୀ-ଚାଷୀ ଉକ୍ତ ଜମିକୁ କୃଷି କାର୍ଯ୍ୟ ନିମନ୍ତେ ବ୍ୟବହାର କରିବା ପାଇଁ ଆର୍ଥିକ କିମ୍ବା ଉତ୍ପନ୍ନ ଶସ୍ୟର ଏକ ନିର୍ଦ୍ଦିଷ୍ଟ ପରିମାଣ କିମ୍ବା ଉତ୍ପାଦନର କିଛି ଅଂଶ କିମ୍ବା ଉଭୟ ଜମିମାଲିକ- ଲିଜ୍ ଦାତାଙ୍କୁ ପ୍ରଦାନ କରିବେ। ଏହାର ବିବରଣୀ ନିମ୍ନ ସାରଣୀରେ ପ୍ରଦାନ କରାଗଲା।

| ଦେୟର ପ୍ରକାର | ପରିମାଣ | ନିର୍ଦ୍ଧାରିତ ତାରିଖ |
|---|---|---|
| ○ ଟଙ୍କା | ବାର୍ଷିକ ଟ.__________ ଙ୍କା | |
| ○ ଉତ୍ପାଦିତ ଶସ୍ୟ (ପ୍ରଥମ)<br>ଶସ୍ୟର ପ୍ରକାର: | ○ ନିର୍ଦ୍ଧାରିତ ପରିମାଣ ____ (ସଂଖ୍ୟା)______ (ମାପକ କି.ଗ୍ରା. / କୁଇଣ୍ଟାଲ ଇତ୍ୟାଦି)<br>○ ଭାଗ ହିସାବରେ ଉତ୍ପାଦିତ ଶସ୍ୟର __________ ଶତାଂଶ | |
| ○ ଉତ୍ପାଦିତ ଶସ୍ୟ (ଦ୍ୱିତୀୟ)<br>○ ଶସ୍ୟର ପ୍ରକାର: | ○ ନିର୍ଦ୍ଧାରିତ ପରିମାଣ ____ (ସଂଖ୍ୟା)______ (ମାପକ କି.ଗ୍ରା. / କୁଇଣ୍ଟାଲ ଇତ୍ୟାଦି)<br>○ ଭାଗ ହିସାବରେ ଉତ୍ପାଦିତ ଶସ୍ୟର __________ ଶତାଂଶ | |

## ୫. ନିବେଶ ଦାୟିତ୍ୱ

**୫.୧.** ଦେୟ ପ୍ରଦାନ ଦାୟିତ୍ୱ ଅଥବା ନିବେଶ ବିଧି-ବ୍ୟବସ୍ଥା ଜମିମାଲିକ- ଲିଜ୍ ଦାତା ଓ ଲିଜ୍ ଗ୍ରାହୀ-ଚାଷୀଙ୍କ ମଧ୍ୟରେ ଏକ ଅପୋଷ ବୁଝାମଣା ଦ୍ୱାରା ନିମ୍ନ ସାରଣୀ ଅନୁଯାୟୀ ସମାହିତ ହେବ।

| | ଜମିମାଲିକ-ପଟ୍ଟାଦାତା | ପଟ୍ଟାଗ୍ରାହୀ-ଚାଷୀ |
|---|---|---|
| ବିହନ | | |
| ସାର | | |
| କୀଟନାଶକ | | |
| ମୂଲିଆ ବାବଦ ଖର୍ଚ୍ଚ | | |
| ଅନ୍ୟାନ୍ୟ | | |

## ୬. ଜମିମାଲିକ- ଲିଜ୍ ଦାତାଙ୍କ ଅଧିକାର ଓ ଦାୟିତ୍ୱ

**୬.୧.** ଜମିମାଲିକ- ଲିଜ୍ ଦାତା ରାଜିନାମା କାର୍ଯ୍ୟକାରୀ ହେବାର ପ୍ରଥମ ଦିନରେ ଲିଜ୍ ଗ୍ରାହୀ-ଚାଷୀଙ୍କୁ ଲିଜ୍ ଦିଆଯାଇଥିବା ଜମିର ଦଖଲ ହସ୍ତାନ୍ତର କରିବେ ଓ ରାଜିନାମାର ମିଆଦ ବଳବତ୍ତର ଥିବା ପର୍ଯ୍ୟନ୍ତ ଲିଜ୍ ଗ୍ରାହୀ-ଚାଷୀଙ୍କ ଉକ୍ତ ଜମିର ବ୍ୟବହାର ଓ ଦଖଲରେ ହସ୍ତକ୍ଷେପ କରିବେ ନାହିଁ।

**୬.୨.** ଜମି ମାଲିକ ଲିଜ୍ ଦାତା ଉକ୍ତ ଜମିର ରାଜସ୍ୱ ଓ ଜଳକର ଆଦି ସମସ୍ତ ଦେୟ ପଇଠ କରିବେ।

**୬.୩.** ଯଦି ଜମିମାଲିକ- ଲିଜ୍ ଦାତା ଓ ଲିଜ୍ ଗ୍ରାହୀ-ଚାଷୀ ମଧ୍ୟରେ ହୋଇଥିବା ଲିଜ୍ ରାଜିନାମାର ନବୀକରଣ ନହୁଏ, ତେବେ, ଲିଜ୍ ଦିଆଯାଇଥିବା ଜମି ଲିଜ୍ ମିଆଦ ଶେଷରେ ଲିଜ୍ ଗ୍ରାହୀ-ଚାଷୀଙ୍କ ନିକଟରୁ ଜମିମାଲିକ- ଲିଜ୍ ଦାତାଙ୍କ ନିକଟକୁ ସ୍ୱତଃ ଫେରସ୍ତ ଆସିବ।

**୬.୪.** ଲିଜ୍ ଦିଆଯାଇଥିବା ଜମିକୁ ବିକ୍ରି, ଦାନ ଏବଂ ବନ୍ଧକ ଆଦି ଦ୍ୱାରା ହସ୍ତାନ୍ତର କରିବା ଅଧିକାର ଜମିମାଲିକ- ଲିଜ୍ ଦାତାଙ୍କ ନିକଟରେ ରହିବ। କିନ୍ତୁ, ଲିଜ୍ ଗ୍ରାହୀ-ଚାଷୀ ଜମିମାଲିକ- ଲିଜ୍ ଦାତାଙ୍କ ସହ ହୋଇଥିବା ଲିଜ୍ ରାଜିନାମା ର ମିଆଦ ଶେଷ ହେବା ପର୍ଯ୍ୟନ୍ତ ଉକ୍ତ ଜମିରେ ଚାଷ କାର୍ଯ୍ୟ କରିପାରିବେ।

**୬.୫.** ଲିଜ୍ ରାଜିନାମକୁ ବାତିଲ କରିବାର ଅଧିକାର ଜମିମାଲିକ- ଲିଜ୍ ଦାତାଙ୍କ ନିକଟରେ ରହିବ। ସେ ରାଜିନାମା ସର୍ତ୍ତ ଉଲ୍ଲଂଘନ ର ସଂଶୋଧନ ନିମନ୍ତେ ଲିଜ୍ ଗ୍ରାହୀ-ଚାଷୀଙ୍କୁ ୯୦ ଦିନର ନୋଟିସ ଜାରିକରି ଏହା କରିପାରିବେ, ଯଦି:

(କ) ଯଦି ଲିଜ୍ ଗ୍ରାହୀ-ଚାଷୀ ରାଜିନାମର ଧାରା ୪ ରେ ଅଙ୍ଗୀକୃତ ଦେୟ ପରିମାଣ ପଇଠ କରିବାରେ ବିଫଳ ହୁଅନ୍ତି;

(ଖ) ଲିଜ୍ ଗ୍ରାହୀ-ଚାଷୀ ଲିଜ୍ ନେଇଥିବା ଜମିକୁ କୃଷି ଓ କୃଷି ସମ୍ବନ୍ଧୀୟ  କାର୍ଯ୍ୟ ଭିନ୍ନ ଅନ୍ୟ କୌଣସି ଉଦ୍ଦେଶ୍ୟରେ ବ୍ୟବହାର କରନ୍ତି;

(ଗ) ଲିଜ୍ ଗ୍ରାହୀ-ଚାଷୀ ଯଦି ରାଜିନାମର ଅନ୍ୟ ଯେକୌଣସି ସର୍ତ୍ତାବଳୀର ଉଲ୍ଲଂଘନ କରନ୍ତି।

**୬.୬.**ଯଦି ଏକକ ଲିଜ୍ ଦାତା-ଜମିମାଲିକଙ୍କ ଲିଜ୍ ଅବଧି ବଳବତ୍ତର ଥିବା ସମୟରେ ମୃତ୍ୟୁ ହୋଇଯାଏ, ଲିଜ୍ ଗ୍ରାହୀ-ଚାଷୀ ରାଜିନାମା ଅବଧି ଶେଷ ହେବ ପର୍ଯ୍ୟନ୍ତ ଉକ୍ତ ଜମିକୁ ଚାଷ କରିପାରିବେ। କିନ୍ତୁ, ମୃତ ଲିଜ୍ ଦାତା ଜମିମାଲିକଙ୍କ ଉତ୍ତରାଧିକାରୀମାନେ ଓ ଲିଜ୍ ଗ୍ରାହୀ-ଚାଷୀ ଆପୋଷ ଭାବରେ ଲିଜ୍ ମିଆଦ ସ୍ଥିର ହୋଇଥିବା ଅବଧି ଶେଷ ହେବା ପୂର୍ବରୁ ଏକ ବୁଝାମଣା ଜରିଆରେ ଶେଷ କରିପାରିବେ।  ଏକାଧିକ ଲିଜ୍ ଦାତା-ଜମିମାଲିକ ଥିବା କ୍ଷେତ୍ରରେ ସେମାନଙ୍କ

ମଧ୍ୟରୁ ଯେ ପର୍ଯ୍ୟନ୍ତ ଜଣେ ଜୀବିତ ଅଛନ୍ତି, ସେପର୍ଯ୍ୟନ୍ତ ଜମି ଲିଜ୍ ସମ୍ବନ୍ଧୀୟ ସମ୍ପାଦିତ ରାଜିନାମା ବଳବତ୍ତର ରହିବ।

## ୭. ଲିଜ୍ ଗ୍ରାହୀ-ଚାଷୀଙ୍କ ଅଧିକାର ଓ ଦାୟିତ୍ୱ

**୭.୧.** ଲିଜ୍ ଗ୍ରାହୀ-ଚାଷୀ ଲିଜ୍ ରାଜିନାମାରେ ଉଲ୍ଲେଖ କରାଯାଇଥିବା ବିଷୟ ଭିନ୍ନ ଉକ୍ତ ଜମି ସମ୍ବନ୍ଧରେ ଅନ୍ୟ କୌଣସି ଅଧିକାର ପାଇପାରିବେ ନାହିଁ।

**୭.୨.** ଲିଜ୍ ଗ୍ରାହୀ-ଚାଷୀ ରାଜିନାମର ଅବଧି ଶେଷ ହେବା ଅଥବା ଲିଜ୍ ର ବର୍ଦ୍ଧିତ ସମୟ ସୀମା ସମାପ୍ତ ହେବା ମାତ୍ରେ କୌଣସି ଦେୟ ବକେୟା ନରଖି ଉକ୍ତ ଜମିର ଦଖଲ ପରିତ୍ୟାଗ କରିବେ;

**୭.୩.** ଲିଜ୍ ଗ୍ରାହୀ-ଚାଷୀ ରାଜିନାମାର ଧାରା ୫ ରେ ଉଲ୍ଲିଖିତ ଦେୟ କିମ୍ବା ନିର୍ଦ୍ଧାରିତ ଉତ୍ପାଦର ପରିମାଣ ଅଥବା ଉତ୍ପାଦର ଅଂଶ ନିର୍ଦ୍ଧାରିତ ସମୟ ମଧ୍ୟରେ ଜମିମାଲିକ- ଲିଜ୍ ଦାତାଙ୍କୁ ପଇଠ କରିବେ;

**୭.୪.** ରାଜିନାମା ଅବଧି ବଳବତ୍ତର ଥିବା ସମୟରେ ଲିଜ୍ ଗ୍ରାହୀ-ଚାଷୀ ଉକ୍ତ ଚାଷଜମି ଉପରେ ଅଧିକାର ଓ ଉକ୍ତ ଜମିର ବ୍ୟବହାର ଅବାଧ ଭାବରେ ଉପଭୋଗ କରିବେ;

**୭.୫.** ରାଜ୍ୟ କିମ୍ବା କେନ୍ଦ୍ର ସରକାରଙ୍କ ଦ୍ୱାରା କୃଷକ ମାନଙ୍କୁ ପ୍ରଦାନ କରାଯାଉଥିବା କୃଷି ସମ୍ବନ୍ଧୀୟ ଋଣ, ଶସ୍ୟ ବୀମା, ବିପର୍ଯ୍ୟୟ ସହାୟତା ଓ ଅନ୍ୟାନ୍ୟ ଏଥି ସହ ସମ୍ପୃକ୍ତ ସୁବିଧା ସୁଯୋଗ ଲିଜ୍ ଗ୍ରାହୀ-ଚାଷୀ ଉକ୍ତ ଜମି ନିମନ୍ତେ ଲିଜ୍ ରାଜିନାମା ଅଙ୍ଗୀକୃତ ସମ୍ମତି ଅନୁସାରେ ପାଇବା ପାଇଁ ଯୋଗ୍ୟ ବିବେଚିତ ହେବେ;

**୭.୬.** ଲିଜ୍ ଗ୍ରାହୀ-ଚାଷୀର ଜମି ଉପରେ ଅଧିକାର ବଂଶାନୁକ୍ରମିକ ନୁହେଁ। ଯଦି ଏକକ ଲିଜ୍ ଗ୍ରାହୀ-ଚାଷୀଙ୍କ ଲିଜ୍ ଅବଧି ବଳବତ୍ତର ଥିବା ସମୟରେ ମୃତ୍ୟୁ ହୋଇଯାଏ ଓ ଲିଜ୍ ଗ୍ରାହୀ-ଚାଷୀଙ୍କ ଉତ୍ତରାଧିକାରୀ ଓ ଲିଜ୍ ଦାତା-ଜମିମାଲିକଙ୍କ ମଧ୍ୟରେ ପୂର୍ବରୁ ସମ୍ପାଦିତ ଲିଜ୍ ମିଆଦ ଶେଷ କରିବା କିମ୍ବା ଅବଶିଷ୍ଟ ଅବଧି ଶେଷ କିମ୍ବା କୌଣସି ନୂତନ ସମୟ ସୀମା ପର୍ଯ୍ୟନ୍ତ ବଳବତ୍ତର ରଖିବା ନିମନ୍ତେ ଯଦି କୌଣସି ଅପୋଷ ବୁଝାମଣା ନହୁଏ ଉକ୍ତ ଜମିରେ ଥିବା ଫସଲ ଅମଳ ପରେ ଲିଜ୍ ଦିଆଯାଇଥିବା ଜମି ଜମିମାଲିକଙ୍କ ନିକଟକୁ ଫେରସ୍ତ ଆସିବ। ଏକାଧିକ ଲିଜ୍ ଗ୍ରାହୀ-ଚାଷୀ ଥିବା କ୍ଷେତ୍ରରେ ସେମାନଙ୍କ ମଧ୍ୟରୁ ଯେ ପର୍ଯ୍ୟନ୍ତ ଜଣେ ଜୀବିତ ଅଛନ୍ତି, ସେପର୍ଯ୍ୟନ୍ତ ଜମି ଲିଜ୍ ସମ୍ବନ୍ଧୀୟ ସମ୍ପାଦିତ ରାଜିନାମା ବଳବତ୍ତର ରହିବ।

## ୮. ଲିଜ୍ ଦାତା-ଜମିମାଲିକ ଓ ଲିଜ୍ ଗ୍ରାହୀ-ଚାଷୀଙ୍କ ମଧ୍ୟରେ ଥିବା ଦ୍ୱନ୍ଦ ର ସମାଧାନ

**୮.୧.** ଲିଜ୍ ଦାତା-ଜମିମାଲିକ ଓ ଲିଜ୍ ଗ୍ରାହୀ-ଚାଷୀଙ୍କ ମଧ୍ୟରେ ଉକ୍ତ ଲିଜ୍ ରାଜିନାମାକୁ ନେଇ ଯଦି କୌଣସି ଦ୍ୱନ୍ଦ ଦେଖାଦିଏ, ଉଭୟ ଏହାକୁ ଶାନ୍ତିପୂର୍ଣ୍ଣ ଓ ଅପୋଷ ଭାବରେ ସମାଧାନ

କରିବେ। ଆବଶ୍ୟକ ସ୍ଥଳେ ତୃତୀୟ ପକ୍ଷ, ଗ୍ରାମ ସଭା ବା ଗ୍ରାମ ପଞ୍ଚାୟତର ମଧ୍ୟସ୍ଥତାରେ ଏହାକୁ ମଧ୍ୟ ସମାଧାନ କରିବାକୁ ଚେଷ୍ଟା କରିବେ।

୮.୨. ଯଦି ଉପରୋକ୍ତ ଧାରା ୮.୧ ରେ ବର୍ଣ୍ଣିତ ଉପାୟରେ ଦ୍ୱନ୍ଦର ସମାଧାନ ନହୁଏ, ସେମାନଙ୍କ ମଧ୍ୟରୁ କୌଣସି ପକ୍ଷ କ୍ଷମତାପ୍ରାପ୍ତ ଅଧିକାରୀ (ତହସିଲଦାର) କିମ୍ବା ସରକାରଙ୍କ ଦ୍ୱାରା ପ୍ରଣିତ ବିବାଦ ସମାଧାନ ପଦ୍ଧତି ଜରିଆରେ ଆବେଦନ କରିବେ;

## ୯. ଅନ୍ୟାନ୍ୟ ସର୍ତ୍ତାବଳୀ

୯.୧. ଏହି ରାଜିନାମାରେ ଉଲ୍ଲିଖିତ ଅଧିକାର ବ୍ୟତୀତ, ଲିଜ୍ ଗ୍ରାହୀ-ଚାଷୀଙ୍କର କୌଣସି ଦଖଲ-ସ୍ୱତ୍ୱ , ସୁରକ୍ଷିତ ପ୍ରଜାଧିକାର ବା ଅନ୍ୟ କୌଣସି ସଂଶ୍ଳିଷ୍ଟ ଅଧିକାର ରହିବ ନାହିଁ;

୯.୨. ଏହି ଲିଜ୍ ରାଜିନାମା ସ୍ୱତ୍ୱ-ଲିପିରେ ଉଲ୍ଲେଖ କରାଯିବ ନାହିଁ;

୯.୩. ଏହି ଲିଜ୍ ରାଜିନାମା ଭାରତୀୟ ପଞ୍ଜୀକରଣ ଆଇନ ଅନୁଯାୟୀ ପଞ୍ଜୀକୃତ କରାଯିବ ନାହିଁ;

୯.୪. ଏହି ଲିଜ୍ ରାଜିନାମାଟି ମୂଳତଃ ଚାରି କିତାରେ ସମ୍ପାଦିତ ହେବ। ଏହି ରାଜିନାମର ଏକ କିତା ଲିଜ୍ ଦାତା-ଜମିମାଲିକ ରଖିବେ ଓ ଲିଜ୍ ଗ୍ରାହୀ-ଚାଷୀ ଏହାର ଏକାକିତା ରଖିବେ। ତୃତୀୟ ଓ ଚତୁର୍ଥ କିତା ଗୁଡିକ ଯଥାକ୍ରମେ ସ୍ଥାନୀୟ ରାଜସ୍ୱ ନିରିକ୍ଷକ ଓ ତହସିଲଦାରଙ୍କ ନିକଟରେ ଦାଖଲ କରାଯିବ।

୯.୫. ସମ୍ପାଦିତ ଲିଜ୍ ରାଜିନାମାଟି ସମ୍ପୃକ୍ତ ତହସିଲଦାରଙ୍କ ନିକଟରେ ଦରଜ କରାଯିବ।

୯.୬. ଲିଜ୍ ଦାତା ଜମି ମାଲିକ ଓ ଲିଜ୍ ଗ୍ରାହୀ ଚାଷୀ ଲିଜ୍ ଜମି ନିମନ୍ତେ ଉଦ୍ଦିଷ୍ଟ ରିହାତି, ଫସଲ ନଷ୍ଟ ଜନିତ ବୀମା ରାଶି, ବିପର୍ଯ୍ୟୟ ସହାୟତା ଓ ଅନ୍ୟ ସୁବିଧା ନିମ୍ନ ସାରଣୀ ଅନୁସାରେ ଆବଣ୍ଟନ କରିବାକୁ ଅପୋଷ ଭାବରେ ନିଷ୍ପତି ନେବେ।

| ପ୍ରକାର | ଜମି ମାଲିକଙ୍କ ଅଂଶ | ଚାଷୀଙ୍କ ଅଂଶ |
|---|---|---|
| ରିହାତି | | |
| ଫସଲ ନଷ୍ଟ ଜନିତ ବୀମା ରାଶି | | |
| ବିପର୍ଯ୍ୟୟ ସହାୟତା | | |
| ଧାନ ଓ ଅନ୍ୟ ଫସଲ ବିକ୍ରୟ ସୁବିଧା | | |

୯.୭. ଲିଜ୍ ଦାତା-ଜମିମାଲିକ କିମ୍ବା ଲିଜ୍ ଗ୍ରାହୀ-ଚାଷୀ ଲିଜ୍ ଶେଷ ହେବା ପୂର୍ବରୁ ୩୦ ଦିନିଆ ନୋଟିସ ଦେଇ ଲିଜ୍ ରାଜିନାମା ବାତିଲ କରି ପାରିବେ।

## ୧୦. ଲିଜ୍ ଦାତା-ଜମିମାଲିକ ଓ ଲିଜ୍ ଗ୍ରାହୀ-ଚାଷୀଙ୍କ ଦ୍ୱାରା ସ୍ଥିରୀକୃତ ଅନ୍ୟାନ୍ୟ ସର୍ତ୍ତାବଳୀ

## ୧୧. ସ୍ୱାକ୍ଷର

ଆମ୍ଭେ, ଲିଜ୍ ଦାତା-ଜମିମାଲିକ ଓ ଲିଜ୍ ଗ୍ରାହୀ-ଚାଷୀ ସ୍ୱ-ସମ୍ମତିକ୍ରମେ ନିମ୍ନରେ ସ୍ୱାକ୍ଷର ପ୍ରଦାନ କରିଥିବା ବ୍ୟକ୍ତିବିଶେଷଙ୍କ ଉପସ୍ଥିତିରେ ଆମ୍ଭର ସ୍ୱୀକୃତିର ପ୍ରତୀକ ସ୍ୱରୂପେ କୌଣସି ଅନୁଚିତ ପ୍ରଭାବ ଓ ବାଧ୍ୟବାଧକତା ବିନା ଏହି ଲିଜ୍ ରାଜିନାମାରେ ସ୍ୱାକ୍ଷର କରିଅଛୁ।

| **ଲିଜ୍ ଦାତା-ଜମିମାଲିକ(ମାନେ)** | **ଲିଜ୍ ଗ୍ରାହୀ-ଚାଷୀ(ମାନେ)** |
|---|---|
| **ସ୍ୱାକ୍ଷର** | **ସ୍ୱାକ୍ଷର** |
| ____________________ | ____________________ |
| ____________________ | ____________________ |
| **ତାରିଖ** | **ତାରିଖ** |

ଉପସ୍ଥିତ ବ୍ୟକ୍ତିବିଶେଷ

ନାମ ______________________________ ସ୍ୱାକ୍ଷର ______________________

ତାରିଖ ____________________

ନାମ ______________________________ ସ୍ୱାକ୍ଷର ______________________

ତାରିଖ ____________________

**(ଉପରିସ୍ଥ ସ୍ୱାକ୍ଷର ଗୁଡିକ ରାଜସ୍ୱ ନିରିକ୍ଷକ/ସରପଞ୍ଚଙ୍କ ଦ୍ୱାରା ଅନୁପ୍ରମାଣିତ ହେବ)**

# ଚାଷଜମି ଲିଜ୍ ରାଜିନାମାର ଅବଧି ବୃଦ୍ଧି ରାଜିନାମା

ଧାରା ୩.୨ ରେ ଉଲ୍ଲିଖିତ ଲିଜ୍ ଅବଧି ଶେଷ ହେଉଥିବାରୁ, ଲିଜ୍ ଦାତା-ଜମିମାଲିକ ଓ ଲିଜ୍ ଗ୍ରାହୀ-ଚାଷୀ ଏତଦ୍-ଦ୍ୱାରା ପ୍ରମାଣିତ କରୁକି ଉପରୋକ୍ତ ରାଜିନାମାର ଅବଧି ତଳ ସାରଣୀ ଅନୁସାରେ ବୃଦ୍ଧି କରାଗଲା।

| ବୃଦ୍ଧି ହୋଇଥିବା ଲିଜ୍ ଅବଧି ବର୍ଷ ସଂଖ୍ୟା ଓ ସମାପ୍ତି ତାରିଖ | ସ୍ୱାକ୍ଷର | ସ୍ୱାକ୍ଷର କରିବା ତାରିଖ |
|---|---|---|
| ଲିଜ୍ ଅବଧି ଆଉ _______ ବର୍ଷ ନିମନ୍ତେ ବୃଦ୍ଧି କରାଗଲା ଓ ଏହା ତା.__________ ରିଖରେ ସମାପ୍ତ ହେବ। | ____________________<br>(ଲିଜ୍ ଦାତା-ଜମିମାଲିକ)<br>____________________<br>(ଲିଜ୍ ଗ୍ରାହୀ-ଚାଷୀ) | ତା. ____________ ରିଖ |

*****

<u>ଚାଷଜମିକୁ ଲିଜ୍ ଦେବା ସମ୍ପର୍କରେ ଜମିମାଲିକ/</u>

<u>ଚାଷୀମାନଙ୍କର ମତାମତ ଜାଣିବା ସମ୍ବନ୍ଧୀୟ ପ୍ରଶ୍ନାବଳୀ</u>

୧. ଚାଷ ନିମନ୍ତେ ଜମିମାଲିକ ଚାଷ ଜମିକୁ ଲିଜ୍ ଦେବା ସମୀଚୀନ କି ?

୨. ଜମିମାଲିକଙ୍କର ଜମିର ମାଲିକାନା ସୁରକ୍ଷିତ ରହି ଜମିକୁ ଲିଜ୍ ଆକାରରେ ଦିଆଗଲେ ଏବଂ ଲିଜ୍ ଅବଧି ଶେଷରେ ଜମିମାଲିକଙ୍କ ନିକଟକୁ ଉକ୍ତ ଜମି ଫେରସ୍ତ ଆସିବା ବ୍ୟବସ୍ଥା କରାଗଲେ, ସେପରି ସ୍ଥଳେ ଲିଜ୍ ଦେବାରେ କିଛି ଅସୁବିଧା ଅଛି କି ?

୩. ଜମିମାଲିକ ଓ ଲିଜ୍-ଗ୍ରହିତା ଚାଷୀ ଅପୋଷ ଭାବରେ ଲିଜ୍ ସର୍ତ୍ତାବଳୀ ଉପରେ ନିଷ୍ପତି ନିଅନ୍ତି, ତେବେ ସେଥିରେ କିଛି ଅସୁବିଧା ଅଛି କି ?

୪. ଲିଜ୍ ସଂକ୍ରାନ୍ତୀୟ ରାଜିନାମା ପଞ୍ଜୀକୃତ ହେବା ଉଚିତ କି ?

୫. ଲିଜ୍ ସଂକ୍ରାନ୍ତୀୟ ରାଜିନାମାର ଏକକିତା ନକଲ ଜମିମାଲିକ ଓ ଏକକିତା ନକଲ ଲିଜ୍-ଗ୍ରହିତା ଚାଷୀଙ୍କ ବ୍ୟତୀତ ଅନ୍ୟ କୌଣସି ବ୍ୟକ୍ତି ବିଶେଷଙ୍କ ନିକଟରେ ଯଥା ରାଜସ୍ୱ ନିରୀକ୍ଷକ/ତହସିଲଦାରଙ୍କ ନିକଟରେ ଏହା ରହିବା ଆବଶ୍ୟକ କି ?

୬. ଲିଜ୍ ଅବଧି ସର୍ବନିମ୍ନ/ସର୍ବାଧିକ କେତେ ବର୍ଷ ହେବା ଆବଶ୍ୟକ ?

୭. ପଟ୍ଟାଧାରୀ ଜମିମାଲିକ ଓ ଲିଜ୍-ଗ୍ରହିତା ଚାଷୀଙ୍କ ମଧ୍ୟରେ ଲିଜ୍ ଜମି ବାବଦୀୟ ଦେୟ/ଭାଗ ଅପୋଷ ଭାବରେ ସ୍ଥିରୀକୃତ ହେବ ଦରକାର କି?

୮. ଲିଜ୍-ଗ୍ରହିତା ଚାଷୀ ଲିଜ୍ ନେଇଥିବା ଜମିର ଫସଲ ଉପରେ ଋଣ ନେଲେ ଜମି ମାଲିକଙ୍କର କୌଣସି ଆପତ୍ତି ଅଛି କି ? ଏହା ଜମିର ମାଲିକାନା ଉପରେ କୌଣସି ପ୍ରଭାବ ପକାଇବ ନାହିଁ ।

୯. ଏକାଧିକ ଅଂଶୀଦାର ଥିବା ଜମି ଲିଜ୍ ସମ୍ପର୍କରେ ସମସ୍ତ ଅଂଶୀଦାରଙ୍କ ସହମତି ଆବଶ୍ୟକ କିମ୍ବା ଉପସ୍ଥିତ ଏକ ବା ଏକାଧିକ ଅଂଶୀଦାରଙ୍କ ସହମତିରେ ଏହି ଲିଜ୍ ସମ୍ପାଦିତ ହେବା ଉଚିତ କି ?

୧୦. ଲିଜ୍ ରାଜିନାମା ରାଜସ୍ୱ ଅଧିକାରୀ କିମ୍ବା ସରପଞ୍ଚଙ୍କ ଉପସ୍ଥିତିରେ ସମ୍ପାଦିତ ହେବ ଅଥବା ଏହା ଜମିମାଲିକ ଓ ଲିଜ୍-ଗ୍ରହିତା ଚାଷୀ ଅପୋଷ ଭାବରେ ସମ୍ପାଦନ କରିବେ ?

୧୧. ଲିଜ୍ ଅବଧି ଶେଷ ହେବା ଆଗରୁ ଜମି ମାଲିକ ଚାହିଁଲେ ଉକ୍ତ ଜମିକୁ ବିକ୍ରି କରି ପାରିବେ କି ? ଯଦି ଉତ୍ତର ହଁ ହୁଏ, ତେବେ ଏଥି ନିମନ୍ତେ କେତେ ଦିନ ଆଗରୁ ଜମି ମାଲିକ ନୋଟିସ ଦେବେ ଏବଂ ଚାଷ ବାବଦୀୟ ଖର୍ଚ୍ଚ କେଉଁ ଅନୁପାତରେ ଭରଣା କରିବା ଠିକ ହେବ ?

୧୨. ଲିଜ୍ ଅବଧି ଶେଷ ହେବା ଆଗରୁ ଜମିମାଲିକ କିମ୍ବା ଲିଜ୍-ଗ୍ରହିତା ଚାଷୀ ଚାହିଁଲେ ମଧ୍ୟବର୍ତ୍ତୀ ସମୟରେ ଲିଜ୍ ରାଜିନାମାକୁ ରଦ୍ଦ କରିବା ବ୍ୟବସ୍ଥା ଅଛି। ଏ ବିଷୟରେ ଆପଣଙ୍କ ମତ କ'ଣ ?

୧୩. ଲିଜ୍-ଗ୍ରହିତା ଚାଷୀ ଲିଜ୍ ଦିଆଯାଇଥିବା ଜମି ନିମନ୍ତେ ମିଳୁଥିବା ରିହାତି, ଶସ୍ୟ ବୀମା ରାଶି, ଋଣ ଛାଡ ସୁବିଧା, ବିପର୍ଯ୍ୟୟ ସହାୟତା ଇତ୍ୟାଦି ସୁବିଧା ସୁଯୋଗ ପାଇପାରିବେ । ଏ ବିଷୟରେ ଆପଣଙ୍କ ମତ କ'ଣ ?

୧୪. ଲିଜ୍-ଗ୍ରହିତା ଚାଷୀ ଲିଜ୍ ନେଇଥିବା ଜମିରେ କୃଷି କାର୍ଯ୍ୟ କିମ୍ବା ଏଥି ସହ ସମ୍ପର୍କିତ କୌଣସି କାର୍ଯ୍ୟ ବ୍ୟତୀତ ଅନ୍ୟ କୌଣସି କାର୍ଯ୍ୟ ଜମିମାଲିକଙ୍କ ବିନା ପରାମର୍ଶରେ ଯଥା ସ୍ଥାୟୀ ବୃକ୍ଷ ରୋପଣ, ଗୃହ ନିର୍ମାଣ, ପୁଷ୍କରଣୀ ଖନନ , ମାଟି ଉତ୍ତୋଳନ ଇତ୍ୟାଦି କରିପାରିବେ ନାହିଁ। ଏ ବିଷୟରେ ଆପଣଙ୍କ ମତ କ'ଣ ?

୧୫. ଲିଜ୍ ଅବଧି ବଳବତ୍ତର ଥିବା ସମୟରେ ଯଦି ପଟ୍ଟାଧାରୀ ଜମିମାଲିକ କିମ୍ବା ଲିଜ୍-ଗ୍ରହିତା ଚାଷୀଙ୍କ ମଧ୍ୟରୁ କାହାର ମୃତ୍ୟୁ ହୋଇଯାଏ ତେବେ ଲିଜ୍ ସର୍ତ୍ତାବଳୀ ଅପରିବର୍ତ୍ତିତ ରହି ସେମାନଙ୍କ ଉତ୍ତରାଧିକାରୀଙ୍କ ଦ୍ୱାରା ସମ୍ପାଦିତ ହେବ ନା ଲିଜ୍ ରଦ୍ଦ ହେବ । ଏ ବିଷୟରେ ଆପଣଙ୍କ ମତାମତ କ'ଣ ?

୧୬. ଜମି ମାଲିକ ଓ ଲିଜ୍-ଗ୍ରହିତା ଚାଷୀଙ୍କ ମଧ୍ୟରେ ଲିଜ୍ ସଙ୍କ୍ରାନ୍ତୀୟ କୌଣସି ଦ୍ୱନ୍ଦ ଉପୁଜିଲେ ଏହା ଅପୋଷ ଭାବରେ/ତୃତୀୟ ପକ୍ଷ ମଧ୍ୟସ୍ଥତାରେ/ଗ୍ରାମ ପଞ୍ଚାୟତଙ୍କ ମାଧ୍ୟମରେ ସମାଧାନ ହେବ ଉଚିତ କି ?

*****